# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

ତେବେ ଯେଉଁ ଉଦ୍ଦେଶ୍ୟରେ ତୁମକୁ ଏ ଯନ୍ତ୍ର ଦିଆଯାଇଛି, ସେ ଉଦ୍ଦେଶ୍ୟ ସାଧିତ ହେବା ପର୍ଯ୍ୟନ୍ତ ଏହାକୁ ଖୁବ୍ ଯତ୍ନ ଓ ତତ୍ପରତାର ସହିତ ରକ୍ଷା କରିବା ତୁମର କର୍ତ୍ତବ୍ୟ । ତୁମର ଦେଖିବାକୁ ପଡ଼ିବ ସେ ଉଦ୍ଦେଶ୍ୟ ପୂରଣ ହେବା ପୂର୍ବରୁ ଦେହ-ଯନ୍ତ୍ର ଯେମିତି ଆହତ ବା ଅକ୍ଷମ ନ ହୁଏ । ଶୀତ ଦିନରେ ଥଣ୍ଡା ପବନର ପ୍ରକୋପ ସମ୍ଭାଳିବାକୁ ଦେହକୁ ଗରମ ପୋଷାକରେ ଆବୃତ୍ତ କରିବାକୁ ପଡ଼େ, ମାତ୍ର ଶୀତ କମିଗଲେ ତୁମେ ଗରମ ପୋଷାକ ବାହାର କରିଦିଅ । ସେହିପରି ସଂସାରର ଥଣ୍ଡା ପବନ ଯେତେବେଳେ ଆମକୁ ଆଉ ପ୍ରଭାବିତ କରିପାରିବ ନାହିଁ; ସେତେବେଳେ ଏ ଦେହ ଧାରଣ କରିବା ଆଉ ଆବଶ୍ୟକ ପଡ଼ିବ ନାହିଁ । ସେ ସମୟରେ ଆମେ ଯେ କେବଳ ଅଶରୀରୀ ଆତ୍ମା, ଏ ବିଷୟରେ ସଚେତନ ଥାଉ ।

ବର୍ଷାଦିନେ ମୂଷଳ ଧାରାପାତରେ ଆକାଶ ଓ ଧରା ଏକାକାର ହୋଇଯାଏ । ପ୍ରକୃତରେ ଏହା ଗୋଟିଏ ଅତି ସୁନ୍ଦର ଓ ଉନ୍ମାଦପୂର୍ଣ୍ଣ ଦୃଶ୍ୟ । ବର୍ଷା ମାଧ୍ୟମରେ ନା ପ୍ରକୃତି ତୁମକୁ ଏଇ ଶିକ୍ଷା ଦିଏ ଯେ ତୁମକୁ ଠିକ୍ ଏହିପରି ଈଶ୍ୱରଙ୍କ ସହ ମିଶିଯିବାକୁ ପଡ଼ିବ । ତୁମକୁ ଅନ୍ତତଃ ତିନୋଟି କଥା ଶିଖିବାକୁ ପଡ଼ିବ - ସୃଷ୍ଟି ହୋଇଥିବା ସମସ୍ତ ବସ୍ତୁ ଅଳୀକ, ମନୁଷ୍ୟ ଭଗବାନଙ୍କର ଦାସ ଏବଂ ଭଗବାନ ମନୁଷ୍ୟର ପ୍ରଭୁ । ମନୁଷ୍ୟ ପୂଜାହାରୀ, ଭଗବାନ ପୂଜ୍ୟ ଏବଂ ସାରା ସୃଷ୍ଟି ପୂଜାର ସାମଗ୍ରୀ । ଏହି ଭାବରେ ଜୀବନର ଖେଳ ଅଭିନୀତ ହୋଇଚାଲିଛି ।

ମନୁଷ୍ୟ ପ୍ରକୃତରେ ଆନନ୍ଦିତ ହେବା ଉଚିତ ଯେ ପୁରୁଷୋତ୍ତମ ମନୁଷ୍ୟକୁ ପୁରୁଷୋତ୍ତମ ସେବାର ସୁଯୋଗ ଦେବା ନିମନ୍ତେ ଚାରିଆଡ଼େ ଅନେକ ନୂଆ ନୂଆ ପଦାର୍ଥ ଖଞ୍ଜି ଦେଇଛନ୍ତି ଏବଂ ମଣିଷ ଦ୍ୱାରା ବିବିଧ ପ୍ରକାରର ପୂଜା ଅର୍ଚ୍ଚନା ଅନୁଷ୍ଠିତ କରାଉଛନ୍ତି । ତେଣୁ ଈଶ୍ୱରୋପାସନା ପାଇଁ ନୂଆ ନୂଆ ସୁଯୋଗର ପ୍ରାର୍ଥନା କର ଓ

Scanned by TapScanner

ତାହା ପାଇଲେ ଆନନ୍ଦରେ ବିଭୋର ହୋଇଯାଅ । ଏଇ ମନୋଭାବ ହିଁ ତୁମକୁ ଅମାପ ଆନନ୍ଦ ପ୍ରଦାନ କରିବ । ଏକ ଆନନ୍ଦବିଭୋର ଜୀବନ କଟାଇବା ହିଁ ଯଥାର୍ଥ ପ୍ରଶାନ୍ତି ।

ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଯାଏ ଯାହାସବୁ କରୁଛ, ସବୁକୁ ଈଶ୍ୱରଙ୍କ ପୂଜା ମନେକରି ସେଗୁଡ଼ିକୁ ତାଙ୍କୁ ଅର୍ପଣ କର । ଠାକୁର ପୂଜାବେଳେ ତୁମେ ଯେମିତି ସଜଫୁଟା ଫୁଲ ତୋଳି ତାକୁ ଶୁଦ୍ଧପୂତ ରଖିବାରେ ବିଶେଷ ଯତ୍ନ ନେଇଥାଅ, ସେହିପରି ପ୍ରଭୁଙ୍କୁ ନୈବେଦ୍ୟ ହେଉଥିବା ତୁମର ସବୁ କାମଗୁଡ଼ିକୁ ପବିତ୍ର ଓ ଶୁଦ୍ଧପୂତ ରଖିବାରେ ନିରନ୍ତର ଯତ୍ନବାନ୍ ରହ ।

ମନର ଆଖି ଆଗରେ ଏଇ ଦୃଶ୍ୟକୁ ସବୁବେଳେ ସ୍ଥାପନ କରି ଏହି ଭାବରେ ଜୀବନ ଅତିବାହିତ କରିପାରିଲେ ତୁମର ସମସ୍ତ ଜୀବନ ଏକ ଅଖଣ୍ଡ ଅର୍ଚ୍ଚନାରେ ପରିଣତ ହୋଇଯିବ । ମନରୁ 'ମୁଁ' - 'ତୁମେ' ଏ ଦ୍ୱୈତ ଭାବନା ଅନ୍ତର୍ହିତ ହୋଇ ସମସ୍ତ ଅହଙ୍କାର ଧ୍ୱଂସ ପାଇଯିବ । ତା'ପରେ ଜୀବନ ପ୍ରକୃତରେ ଏକ ହରିପାରାୟଣ ପାଲଟିଯିବ । ''ମୁଁ ସେବକ, ଏ ସଂସାର ଅର୍ଘ୍ୟ, ଆଉ ମୋର ପ୍ରଭୁ ଭଗବାନଙ୍କୁ ମୁଁ ଏ ଅର୍ଘ୍ୟ ପ୍ରଦାନ କରୁଛି'' - ଯେତେବେଳେ ମନର ଏଇ ଭାବନା, ଏଇ ଅନୁଭବ ଜାଗେ ଓ ପ୍ରତ୍ୟେକ କର୍ମରେ ଏହା ଫୁଟିଉଠେ, ସେତେବେଳେ ଅନ୍ତରରୁ 'ମୁଁ-ତୁ'ର ସବୁ ଭେଦଭାବ ଦୂର ହୋଇଯାଏ ।

Scanned by TapScanner